# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଭଦ୍ରକ

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ନଂ ୧୪୫୮ ତା.- ୨୭.୦୮.୨୦୧୮

## <u>ବିଜ୍ଞାପନ</u>

ଭଦ୍ରକ ରାଜସ୍ୱ ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନରେ ପରିଚାଳିତ ବିଭିନ୍ନ ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ (ଶିକ୍ଷା ସହାୟକ) ନିଯୁକ୍ତି ପାଇଁ ଯୋଗ୍ୟ ପାର୍ଥୀ / ପାର୍ଥୀନି ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଶୂନ୍ୟ ଥିବା ପଦବୀ ଓ ଏହାର ପ୍ରକରଣ ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂ | ପଦବୀ | ଅଣସଂରକ୍ଷୀତ | ପଛୁଆବର୍ଗ | ଅନୁସୂଚିତ ଜାତି | ଅନୁସୂଚିତ ଜନଜାତି | ମୋଟ |
|---|---|---|---|---|---|---|
| ୧ | କନିଷ୍ଠ ଶିକ୍ଷକ (ଶିକ୍ଷା ସହାୟକ) ସ୍ନାତକ ବିଜ୍ଞାନ , ସ୍ନାତକ ଶିକ୍ଷା | ୧ | ୦ | ୦ | ୧ | ୨ |
| ୨ | କନିଷ୍ଠ ଶିକ୍ଷକ (ଶିକ୍ଷା ସହାୟକ) ସ୍ନାତକ କଳା , ସ୍ନାତକ ଶିକ୍ଷା | ୨ (୧ ମହିଳା) | ୦ | ୧ | ୦ | ୩ (୧ ମହିଳା) |
| ୩ | କନିଷ୍ଠ ଶିକ୍ଷକ (ଶିକ୍ଷା ସହାୟକ) +୨ ବିଜ୍ଞାନ ସି. ଟି | ୧ | ୦ | ୦ | ୦ | ୧ |
| | ମୋଟ | ୪ (୧ ମହିଳା) | ୦ | ୦ | ୦ | ୬ (୧ ମହିଳା) |

**କର୍ତ୍ତୃପକ୍ଷ ବିଜ୍ଞାପନକୁ କୌଣସି କରଣ ନ ଜଣାଇ ପରିବର୍ତ୍ତନ / ଖାରଜ କରି ପାରିବେ ।**

ଏହି ଶୂନ୍ୟ ପଦବୀ ଅସ୍ଥାୟୀ ଏବଂ ଆବଶ୍ୟକତା ଅନୁସାରେ ଏହା ବୃଦ୍ଧି କିମ୍ବା କମ୍ କରାଯାଇ ପାରିବ । ନିଯୁକ୍ତି ମାନ୍ୟବର ଓଡିଶା ପ୍ରଶାସନିକ ନ୍ୟାୟଧୀଶ ଙ୍କ ଆଦେଶ ଅନୁଯାୟୀ ପରିଚାଳିତ ହେବ । ଶତକଡା ୫୦ଭାଗ ତୁରନ୍ତ ନିଯୁକ୍ତି ଦିଆଯାଇ ପାରିବ ।

ସାଧାରଣ ପ୍ରଶାସନ ବିଭାଗ ନଂ ୧୧୮୧୯ ତା- ୩୦-୦୪-୨୦୧୩ ରିଖ ଅନୁଯାୟୀ ଭିନ୍ନକ୍ଷମ , କ୍ରୀଡାବିତ୍ , ପୂର୍ବତନ ସୈନିକ ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି ।

**ସାଧାରଣ ମାନଦଣ୍ଡ -**

୧. ପାର୍ଥୀ / ପାର୍ଥୀନି ଭାରତୀୟ ନାଗରିକ ହୋଇଥିବେ ।

୨. ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

୩. ଯେକୌଣସି Employment Exchange ରେ ନାମ ପଞ୍ଜୀକରଣ କରିଥିବେ ଏବଂ ତାହା ବୈଧ ଥିବ ।

୪. ଯେଉଁ ପାର୍ଥୀ / ପାର୍ଥୀନି ମାନେ ଚାକିରି କରୁଛନ୍ତି ସେମାନେ ତାଙ୍କ ନିଯୁକ୍ତି ଦାତାଙ୍କ ଠାରୁ ଆପତି ନ ଥିବା ପ୍ରମାଣ ପତ୍ର ଦେବେ ।

**ଦରଖାସ୍ତ କରିବାର ପ୍ରଣାଳି –**

ଯୋଗ୍ୟ ପାର୍ଥୀ / ପାର୍ଥୀନି ମାନେ ଯେ କୌଣସି ଜିଲ୍ଲା ପାଇଁ ଆବେଦନ କରିପାରିବେ । ଏହି ଆବେଦନ ପତ୍ର ସହିତ କେବଳ ଗୋଟିଏ ଜିଲ୍ଲା ପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ ସଂଲଗ୍ନ କରିବେ । ଯାଚ ସମୟରେ ଯଦି ପାର୍ଥୀ / ପାର୍ଥୀନି ମାନେ ଆବେଦନ କରିଥିବା ଜିଲ୍ଲା ବ୍ୟତିତ ଅନ୍ୟ ଜିଲ୍ଲାରେ ଆବେଦନ କରିଥିବାର ପ୍ରମାଣିତ ହୁଏ ତେବେ ପାର୍ଥୀ / ପାର୍ଥୀନି ଙ୍କର ଆବେଦନ ପତ୍ର ନାକଚ କରାଯିବ । ତ୍ରୁଟିପୂର୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ପାର୍ଥୀ / ପାର୍ଥୀନି ମାନେ Employment Exchange Registration Card ର ଏକ ନକଲ ଦାଖଲ କରିବେ ।

ଇଚ୍ଛୁକ ପାର୍ଥୀ / ପାର୍ଥୀନି ମାନେ ସଠିକ ପରେ ସମ୍ପୂର୍ଣ୍ଣ ଦରଖାସ୍ତ ପୂରଣ କରି ଏବଂ ଦସ୍ତଖତ କରି ଚେକ୍ ତାଲିକା ସହିତ ସମସ୍ତ ପ୍ରମାଣ ପତ୍ରର ନିଜେ ପ୍ରତି ସାକ୍ଷର କରି ଦରଖାସ୍ତ ସହିତ ଜିଲ୍ଲା ମଙ୍ଗଳ ଅଧିକାରୀ, ଭଦ୍ରକ ଙ୍କୁ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ପୋ. ଅ. / ଜିଲ୍ଲା – ଭଦ୍ରକ ରେଜିଷ୍ଟ୍ରି / ତ୍ୱରିତ ଡାକ ମାଧ୍ୟମରେ ୧୭.୦୯.୨୦୧୮ ତାରିଖ ସୁଧା ପଠାଇବେ । କାର୍ଯ୍ୟାଳୟ ବିଳମ୍ବ ଡାକ ପାଇଁ ଦାୟୀ ରହିବ ନାହିଁ । ଅସମ୍ପୂର୍ଣ୍ଣ , ବିଳମ୍ବରେ ଗ୍ରହଣ ହୋଇ ଥିବା ଦରଖାସ୍ତକୁ ନାକଚ କରାଯିବ ।

**ସ୍ନାତକ ବିଜ୍ଞାନ , ସ୍ନାତକ ଶିକ୍ଷା ଏବଂ ସ୍ନାତକ କଳା , ସ୍ନାତକ ଶିକ୍ଷା ର ଶିକ୍ଷାଗତ ଯୋଗ୍ୟତା-**

୧. କଳା / ବିଜ୍ଞାନରେ ଶତକଡା ୫୦ ଭାଗ ମାର୍କ ଥାଇ ସ୍ନାତକ ଶିକ୍ଷା /

କିମ୍ବା

କଳା / ବିଜ୍ଞାନରେ ଶତକଡା ୫୦ ଭାଗ ମାର୍କ ଥାଇ ସ୍ନାତକ ଶିକ୍ଷା ( ବିଶେଷ ଶିକ୍ଷା) / +୨ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ଶତକଡା ୫୦ ଭାଗ ମାର୍କ ଥାଇ ୪ ବର୍ଷିୟା ସ୍ନାତକ ବିଜ୍ଞାନ , ସ୍ନାତକ ଶିକ୍ଷା ଏବଂ ସ୍ନାତକ କଳା , ସ୍ନାତକ ଶିକ୍ଷା ।

୨. OTET (ବିଭାଗ-୨) ପାସ୍ ହୋଇଥିବ ।

୩. ପାର୍ଥୀ ଦଶମ ଶ୍ରେଣୀ ପରିକ୍ଷାରେ ମାତୃଭାଷା ଓଡିଆ ଥିବ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ମାତୃଭାଷା ପାସ୍ ହୋଇଥିବା ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରମାଣ ପତ୍ର ସହ ଯୋଗ୍ୟତା ଥିବ ।

୪. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ,ପଛୁଆବର୍ଗ ଓ ଭିନ୍ନକ୍ଷମ ମାନଙ୍କ ପାଇଁ ଶତକଡା ୫ ଭାଗ କୋହଳର ବ୍ୟବସ୍ଥା ଅଛି ।

୫. ଓଡିଶା ବାହାରେ ସ୍ନାତକ ଶିକ୍ଷା କରିଥିବା ପାର୍ଥୀ / ପାର୍ଥୀନି ମାନେ ସେହି ଡିଗ୍ରୀ ଓଡିଶାରେ ଥିବା ବିଶ୍ୱବିଦ୍ୟାଳୟ ଦ୍ୱାରା ସୀକୃତି ହୋଇଥିବ ଏବଂ NCTE ଦ୍ୱାରା ସୀକୃତି ପ୍ରାପ୍ତ ହୋଇଥିବ ।

**+୨ ବିଜ୍ଞାନ ସି. ଟି ର ଶିକ୍ଷାଗତ ଯୋଗ୍ୟତା-**

୧. +୨ ବିଜ୍ଞାନ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ଶତକଡା ୫୦ ଭାଗ ମାର୍କ ଥାଇ ସି. ଟି କିମ୍ବା +୨ ବିଜ୍ଞାନ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ଶତକଡା ୫୦ ଭାଗ ମାର୍କ ଥାଇ ବିଶେଷ ସି. ଟି ଏହା RCI ଦ୍ୱାରା ସୀକୃତ ପ୍ରାପ୍ତ କିମ୍ବା ସ୍ନାତକ ଏବଂ ସି. ଟି / ବିଶେଷ ସି. ଟି ।

୨. OTET (ବିଭାଗ -୧) ପାସ୍ ହୋଇଥିବ ।

୩. ପାର୍ଥୀ ଦଶମ ଶ୍ରେଣୀ ପରିକ୍ଷାରେ ମାତୃଭାଷା ଓଡିଆ ଥିବ କିମ୍ବା ତତ୍ତୁଲ୍ୟ ପରିକ୍ଷାରେ ମାତୃଭାଷା ପାସ୍ ଯୋଗ୍ୟତା ଥିବ ।

୪. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି , ପଛୁଆବର୍ଗ ଓ ଭିନ୍ନକ୍ଷମ ମାନଙ୍କ ପାଇଁ ଶତକଡା ୫ ଭାଗ କୋହଳର ବ୍ୟବସ୍ଥା ଅଛି ।

**ବୟସ ସିମା-**

୧. ବିଜ୍ଞାପନ ଦିନକୁ ୧୮ ବର୍ଷରୁ କମ୍ ଏବଂ ୩୨ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୨. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ପଛୁଆବର୍ଗ, ମହିଳା ମାନଙ୍କ ପାଇଁ ୫ ବର୍ଷ କୋହଳର ବ୍ୟବସ୍ଥା ଅଛି ଏବଂ ଭିନ୍ନକ୍ଷମ ପାଇଁ ୧୦ ବର୍ଷ କୋହଳ ବ୍ୟବସ୍ଥା ଅଛି ।

ଭିନ୍ନକ୍ଷମ ପାର୍ଥୀ / ପାର୍ଥୀନି କ୍ଷେତ୍ରରେ ଯଦି ମନୋନୟନ ହୁଅନ୍ତି ତେବେ ସେମାନଙ୍କର ପ୍ରମାଣ ପତ୍ର Appellate Medical Board କୁ ସୁପାରିସ କରାଯିବ ।

**ଦରମା-**

କନିଷ୍ଠ ଶିକ୍ଷକ ଓଡିଶା ସରକାରଙ୍କର ସମୟ କୁ ସମୟ ନିର୍ଦ୍ଦେଷ ଅନୁଯାୟୀ ଦରମା ପାଇବେ । ବର୍ତମାନ ୭,୪୦୦/- ଟଙ୍କା ଅଛି ।

**ଚୟନ ପ୍ରଣାଳି-**

ପାର୍ଥୀ / ପାର୍ଥୀନି ମାନେ ସେମାନଙ୍କର ରଖିଥିବା ଶତକଡା ମାର୍କ କୁ ବିଚାରକୁ ନିଆଯାଇ ଚୟନ କରାଯିବ । ପତ୍ର ସଂଖ୍ୟା ୩୩୧୨୮ ତା ୧୬-୧୦-୨୦୧୩ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପତ୍ର ନଂ୨୫୬୦୫ ତା ୨୬-୧୨-୨୦୧୬ ଅନୁଯାୟୀ ଅନୁସରଣ କରାଯିବ ।

**ଦାଖଲ କରିବାକୁ ଥିବା ଦସ୍ତାବିଜ-**

୧. ପାସପୋଟ ସାଇଜ୍ ଫୋଟୋ ସହିତ ଆବେଦନ ପତ୍ର

୨. ନିଜଦ୍ୱାରା ପ୍ରତି ସାକ୍ଷରିତ ଥିବା ସମସ୍ତ ପ୍ରମାଣ ପତ୍ର ( ମାଟ୍ରିକ୍ ଠାରୁ ପଦବୀର ଯୋଗ୍ୟତା ପର୍ଯ୍ୟନ୍ତ)

୩. ନିଜଦ୍ୱାରା ପ୍ରତି ସାକ୍ଷରିତ ଥିବା କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକରଣ ର ପ୍ରମାଣ ପତ୍ର

୪. ନିଜଦ୍ୱାରା ପ୍ରତି ସାକ୍ଷରିତ ଥିବା ଜାତି ପ୍ରମାଣ ପତ୍ର

୫. ନିଜଦ୍ୱାରା ପ୍ରତି ସାକ୍ଷରିତ ଥିବା ବାସିନ୍ଦା ପ୍ରମାଣ ପତ୍ର

୬. ସତ୍ୟ ପାଠ

୭. ୨ଗୋଟି ପାସପୋଟ ସାଇଜ ଫୋଟୋ

କେବଳ ତାଲିମ୍ ପ୍ରାପ୍ତ ଏବଂ OTET (ବିଭାଗ -୧) / (ବିଭାଗ -୨) ପାସ୍ ହୋଇଥିବ ପାର୍ଥୀ ଦରଖାସ୍ତ କରିପାରିବେ ।

**ଜିଲ୍ଲାପାଳ, ଭଦ୍ରକ**

# ଆବେଦନ ପତ୍ର

ପାସପୋଟ ସାଇଜ ଫୋଟୋ

୧. କେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି
୨. ପାର୍ଥୀ / ପାର୍ଥୀନିଙ୍କର ପୂରା ନାମ
୩. ପିତା / ସ୍ୱାମୀଙ୍କର ପୂରା ନାମ
୪. ସ୍ଥାୟୀ ଠିକଣା
୫. ଯୋଗାଯୋଗ ପାଇଁ ଠିକଣା
୬. ଦୂରଭାଷା ନଂ
୭. ଜନ୍ମ ତାରିଖ (ଦିନ – ମାସ- ବର୍ଷ) ମାଟ୍ରିକ୍ ସାର୍ଟିଫିକେଟ ଅନୁଯାୟୀ
୮. ବିଜ୍ଞାପନ ଦିନକୁ (ବର୍ଷ – ମାସ- ଦିନ)
୯. ଜାତି (ଆବଶ୍ୟକସ୍ଥଳେ) ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି /ପଛୁଆବର୍ଗ
୧୦.କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକରଣ ର ନଂ

ଶିକ୍ଷାଗତ ଯୋଗ୍ୟତା

| କ୍ର ସଂ | ପରିଷଦ / ବିଶ୍ୱବିଦ୍ୟାଳୟ | ପରିକ୍ଷାର ନାମ | ପାସ କରି ଥିବା ବର୍ଷ | ମୋଟ ମାର୍କ | ପାଇଥିବା ମାର୍କ | ଇଚ୍ଛାଧିନ ବିଷୟକୁ ବାଦ ଦେଇ ପାଇଥିବା ମାର୍କ | ଶତକଡା ମାର୍କ |
|---|---|---|---|---|---|---|---|
| ୧ | | | | | | | |
| ୨ | | | | | | | |
| ୩ | | | | | | | |
| ୪ | | | | | | | |
| ୫ | | | | | | | |

୨

କେବଳ ସ୍ନାତକ କଳା ଓ ବିଜ୍ଞାନ ପାଇଁ

(କ)

| ପାସ ବିଷୟରେ ମୋଟ ମାର୍କ | ପାସ ବିଷୟରେ ପାଇଥିବା ମୋଟ ମାର୍କ | ଶତକଡା ମୋଟ ମାର୍କ |
|---|---|---|
| | | |

(ଖ)

| ଅନର୍ସ ବିଷୟରେ ମୋଟ ମାର୍କ | ଅନର୍ସ ବିଷୟରେ ପାଇଥିବା ମୋଟ ମାର୍କ | ଅନର୍ସ ବିଷୟରେ ଶତକଡା ମୋଟ ମାର୍କ |
|---|---|---|
| | | |

୧. ଅନର୍ସ ନ ଥିବା ପାସ ଛାତ୍ର / ଛାତ୍ରୀ (କ) ପୂରଣ କରିବେ ।
୨. ଅନର୍ସ ଥିବା ପାସ ଛାତ୍ର / ଛାତ୍ରୀ (ଖ) ପୂରଣ କରିବେ ।

ଉପରୋକ୍ତ ସମସ୍ତ ତଥ୍ୟ ମୋ ଜଣାତରେ ସତ୍ୟ ଅଟେ । ଏହି ତଥ୍ୟ ଭୁଲ ପ୍ରମାଣିତ ହେଲେ ମୁଁ ନିୟମ ଅନୁଯାୟୀ ଦଣ୍ଡିତ ହେବି ।

ସ୍ଥାନ- ପାର୍ଥୀ / ପାର୍ଥୀନି ଙ୍କର ପୂରା ଦସ୍ତଖତ

ତାରିଖ-

ଚେକ ତାଲିକା (Check List)

ନିମ୍ନ ପ୍ରମାଣପତ୍ର ଗୁଡିକ ସଂଲଗ୍ନ କାରାଯାଇଛି ।

| କ୍ର ନଂ | ଦସ୍ତାବିଜ | ହଁ / ଦରକାର ନାହିଁ |
|---|---|---|
| | OTET ପ୍ରମାଣ ପତ୍ର | |
| | ମାଟ୍ରିକ୍ ପ୍ରମାଣ ପତ୍ର | |
| | ମାଟ୍ରିକ୍ ମାର୍କସିଟ | |
| | +୨ ପ୍ରମାଣ ପତ୍ର | |
| | +୨ ମାର୍କସିଟ | |
| | ସି. ଟି. ପ୍ରମାଣ ପତ୍ର | |
| | ସି. ଟି. ମାର୍କସିଟ | |
| | ସ୍ନାତକ କଳା / ବିଜ୍ଞାନ ପ୍ରମାଣ ପତ୍ର | |
| | ସ୍ନାତକ କଳା / ବିଜ୍ଞାନ ମାର୍କସିଟ | |
| | ସ୍ନାତକ ଶିକ୍ଷା ପ୍ରମାଣ ପତ୍ର | |
| | ସ୍ନାତକ ଶିକ୍ଷା ମାର୍କସିଟ | |
| | ବାସିନ୍ଦା ପ୍ରମାଣ ପତ୍ର | |
| | ଜାତି ପ୍ରମାଣ ପତ୍ର | |
| | କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକରଣ ପ୍ରମାଣ ପତ୍ର | |
| | ସତ୍ୟ ପାଠ | |
| | ଅନ୍ୟାନ ପ୍ରମାଣ ପତ୍ର | |

ପାର୍ଥୀ / ପାର୍ଥୀନି ଙ୍କର ପୂରା ଦସ୍ତଖତ

Memo No. 1459 Dt. 27.08.2018

Copy to D.I.O, N.I.C, Bhadrak to publish the same in the Official website of Bhadrak District.

Copy to Notice Board of Collectorate, Bhadrak.

27/8/18

**District Welfare Officer,**
**Bhadrak**